# REGIONAL NEWS UNIT, AIR CUTTACK
## Evening Bulletin (6.45 PM)
**14 October - 2024**

**News Editor : *Tapan Kumar Moharana***

*********************************

## ମୁଖ୍ୟ ସମ୍ବାଦ

- ସୁଭଦ୍ରା ଯୋଜନାରେ ସହାୟତା ପାଇନଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଆସନ୍ତା କାଳୀପୂଜାରେ କିସ୍ତି ପ୍ରଦାନ କରାଯିବ - କହିଲେ ମୁଖ୍ୟମନ୍ତ୍ରୀ
- ଦାଦନ ଜନିତ ବିସ୍ଥାପନ ସମସ୍ୟା ରୋକିବା ପାଇଁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠିତ ।
- ରାଷ୍ଟ୍ରୀୟ ଜଳପୁରସ୍କାର ୨୦୨୩ ଘୋଷଣା; ରାଜ୍ୟ ଶ୍ରେଣୀରେ ଓଡ଼ିଶା ପ୍ରଥମ ପୁରସ୍କାର ପାଇଁ ମନୋନୀତ ।
- ଆମେରିକାର ୩ଜଣ ଅର୍ଥଶାସ୍ତ୍ରୀ ଚଳିତବର୍ଷ ଅର୍ଥନୀତିରେ ପାଇବେ ନୋବେଲ ପୁରସ୍କାର ।

ଏବଂ

- ଧରାପୃଷ୍ଠରୁ ମେଲାଣି ନେଉଛନ୍ତି ଜଗଜ୍ଜନନୀ ମା’ ଦୁର୍ଗା ।

\- ଭସାଣୀ ପାଇଁ କଟକ ଓ ଭୁବନେଶ୍ୱରରେ ଟ୍ରାଫିକ କଟକଣା ।

# ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

ଆସନ୍ତା କାଳୀପୂଜାରେ ସୁଭଦ୍ରା ଯୋଜନାରେ କିସ୍ତି ପାଇନଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । କେନ୍ଦୁଝର ଜିଲ୍ଲା ଗସ୍ତର ଶେଷଦିନରେ ଆଜି ଜିଲ୍ଲାର ପଦ୍ମପୁର ଲକ୍ଷ୍ମୀ ପଡ଼ିଆରେ ସଦସ୍ୟତା ଅଭିଯାନରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି କେନ୍ଦୁଝର ଜିଲ୍ଲାର ବିକାଶ ପାଇଁ ପଦକ୍ଷେପ ନିଆଯାଉଛି । ଜିଲ୍ଲାରେ ଏକ ବୃହତ୍ତ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଯୋଜନା ରହିଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିକଶିତ ଭାରତ ତଥା ବିକଶିତ ଓଡ଼ିଶା ନିର୍ମାଣ ପାଇଁ ସମସ୍ତ ସହଯୋଗ କାମନା କରିଛନ୍ତି । ସୂଚନା ଅନୁସାରେ ଆଜି ସକାଳେ ମୁଖ୍ୟମନ୍ତ୍ରୀ ସର୍କିଟ୍ ହାଉସ୍‌ଠାରେ ୨୫୦ରୁ ଅଧିକ ଲୋକଙ୍କ ସମସ୍ୟା ଶୁଣିବା ସହ ଏହାର ତ୍ୱରିତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

ଏହି ଗସ୍ତ ଅବସରରେ ରାଇକଳାଠାରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଚାରାରୋପଣ କରିଥିଲେ ।

# ଟାସ୍କଫୋର୍ସ ଗଠନ

ଦାଦନଜନିତ ବିସ୍ଥାପନ ସମସ୍ୟା ନିରାକରଣ ତଥା ଏ ସମ୍ପର୍କରେ ଦିଗ୍‌ଦର୍ଶନ ପାଇଁ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଟାସ୍କଫୋର୍ସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ବିଭିନ୍ନ

ବିଭାଗର ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ବିଭାଗୀୟ ସଚିବମାନେ ସଦସ୍ୟ ରହିଛନ୍ତି । ଏହି ଟାସ୍କଫୋର୍ସ ରାଜ୍ୟରେ ଶ୍ରମିକମାନଙ୍କ ସମସ୍ୟାର ସମାଧାନ ତଥା ଦାଦନଜନିତ ବିସ୍ଥାପନ ରୋକିବା ପାଇଁ କାର୍ଯ୍ୟପନ୍ଥା ସ୍ଥିର କରିବ । ପ୍ରତି ୬ ମାସରେ ଥରେ ଟାସ୍କଫୋର୍ସର ସଦସ୍ୟମାନେ ବୈଠକ କରି ସମୀକ୍ଷା କରିବେ । ଦାଦନ ଦୂରୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଶେଷଜ୍ଞ, ଶିକ୍ଷାବିତ୍ ଆଦିଙ୍କୁ ବୈଠକରେ ନିମନ୍ତ୍ରିତ କରାଯିବାର ବ୍ୟବସ୍ଥା ରହିଛି । ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଶ୍ରମିକମାନଙ୍କ ପାଇଁ ଦକ୍ଷତା ବିକାଶ, ଋଣ ଉପଲବ୍ଧତା, ଦାରିଦ୍ର୍ୟ ଦୂରୀକରଣ ଆଦି କ୍ଷେତ୍ରରେ କାର୍ଯ୍ୟ କରିବ । ଏହି ଟାସ୍କଫୋର୍ସଟି ଭୁବନେଶ୍ୱର ଲୋକସେବା ଭବନରେ  ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନରେ କାର୍ଯ୍ୟ କରିବ ।

## ରାଷ୍ଟ୍ରୀୟ ଜଳ ପୁରସ୍କାର

ନୂଆଦିଲ୍ଲୀରେ ଆଜି ରାଷ୍ଟ୍ରୀୟ ଜଳ ପୁରସ୍କାର ୨୦୨୩ ଘୋଷଣା କରାଯାଇଛି । ରାଜ୍ୟ ଶ୍ରେଣୀରେ ଓଡ଼ିଶା ପ୍ରଥମ ପୁରସ୍କାର ଜିତିଥିବା ବେଳେ ଉତ୍ତରପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଛି । ଏକ ସାମ୍ବାଦିକ ସମ୍ମିଳନୀରେ ଆଜି କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ ଏହି ସୂଚନା ଦେଇଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୨ ତାରିଖରେ ନୂଆଦିଲ୍ଲୀର ଏକ ସ୍ୱତନ୍ତ୍ର ଉତ୍ସବରେ ପଞ୍ଚମ ରାଷ୍ଟ୍ରୀୟ ଜଳ ପୁରସ୍କାର ପ୍ରଦାନ କରିବେ । ୯ଟି

ବର୍ଗରେ ଯୁଗ୍ମ ବିଜେତାଙ୍କ ସହ ମୋଟ୍ ୩୮ଟି ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯିବ ।

## ହାତଧୂଆ ଦିବସ

ରାଜ୍ୟର ସମସ୍ତ ପ୍ରାଥମିକ ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟରେ ପୂର୍ବବର୍ଷ ଭଳି ଚଳିତଥର ମଧ୍ୟ ବିଶ୍ୱ ହାତଧୂଆ ଦିବସ ଆସନ୍ତାକାଲିଠାରୁ ପାଳନ କରାଯିବ । ଏକ ମାସ ଧରି ଆସନ୍ତା ନଭେମ୍ବର ମାସ ୧୪ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ହାତଧୁଆ ଅଭ୍ୟାସ କରାଯିବ ।  ଏ ସମ୍ପର୍କରେ  ଓସେପା ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଚଳିତବର୍ଷ  ବିଶ୍ୱ ହାତଧୁଆ ଦିବସର ବାର୍ତ୍ତା ରହିଛି 'ସ୍ୱଚ୍ଛ ହାତ କାହିଁକି ଗୁରୁତ୍ୱପୂର୍ଣ୍ଣ'।

## ବାଚସ୍ପତିଙ୍କୁ ସାକ୍ଷାତ୍

ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କୁ ଆଜି ଓଡ଼ିଶାର ପ୍ରଧାନ ମହାଲେଖାକାର ରାଜକୁମାର ଅଗ୍ରୱାଲ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ସେ ବାଚସ୍ପତିଙ୍କୁ ରାଜ୍ୟର ଆର୍ଥିକ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି ।

## ନୋବେଲ ପୁରସ୍କାର

ରୟାଲ ସ୍ୱେଡିସ୍ ଏକାଡେମୀ ଅଫ୍ ସାଇନ୍ସ ପକ୍ଷରୁ ଚଳିତବର୍ଷ ପାଇଁ ଅର୍ଥନୀତିରେ ନୋବେଲ ପୁରସ୍କାର ଘୋଷଣା କରାଯାଇଛି । ଆମେରିକାର ଅର୍ଥଶାସ୍ତ୍ରୀ ଡୋରେନ୍ ଏସ୍. ମୋଗଲୁ ସାଇମନ ଜନସନ ଏବଂ ଏ. ରବିନସନଙ୍କୁ ମିଳିତଭାବେ ଏହି ପୁରସ୍କାର ପ୍ରଦାନ କରାଯିବ । ବିଭିନ୍ନ

ସଂସ୍କାର ଗଠନ ଏବଂ ସମୃଦ୍ଧି ଉପରେ ସେମାନଙ୍କ ପ୍ରଭାବ ଉପରେ ଅନୁଧ୍ୟାନ ପାଇଁ ଏହି ଅର୍ଥଶାସ୍ତ୍ରୀମାନଙ୍କୁ ଅର୍ଥନୀତିରେ ନୋବେଲ ପୁରସ୍କାର ଦିଆଯିବ ।

## ଦୁର୍ଗା ଭସାଣି

କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଜଗଜ୍ଜନନୀ ଦେବୀ ଦୁର୍ଗାଙ୍କର ଭସାଣି ଉତ୍ସବ ଅନୁଷ୍ଠିତ ହେଉଛି । ୫ଦିନର ପୂଜା ପରେ ମୃଣ୍ମୟୀ ମୂର୍ତ୍ତିଗୁଡ଼ିକୁ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଉଛି । ଏଥିପାଇଁ ଚିହ୍ନଟ ସ୍ଥାନ ଗୁଡ଼ିକରେ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଛି । ପାରମ୍ପରିକ ବାଦ୍ୟ, ଘଣ୍ଟ, ଶଙ୍ଖ, ବାଜା, ନାଚଗୀତ ମଧ୍ୟରେ ମା'ଙ୍କର ଶୋଭାଯାତ୍ରା ଚାଲିଛି ।

କଟକରେ ପୂର୍ବାହ୍ନରୁ ମେଢ଼ ଗୁଡ଼ିକୁ ସାହି ପରିକ୍ରମା ପରେ ବିସର୍ଜନ ପାଇଁ ଦେବୀଗଡା ଅଭିମୁଖେ ନିଆଯାଉଛି । ଏଥିପାଇଁ ଦେବୀଗଡାଠାରେ ୩ଟି ଅସ୍ଥାୟୀ ପୋଖରୀ ପ୍ରସ୍ତୁତି କରାଯାଇଛି । ବଙ୍ଗୀୟ ରୀତିନୀତି ଅନୁଯାୟୀ ପୂଜା ହୋଇଥିବା ମୃଣ୍ମୟୀ ମୂର୍ତ୍ତିଗୁଡ଼ିକୁ ଗତକାଲି ରାତିରୁ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଛି । ସଂଧ୍ୟାସୁଦ୍ଧା କାଠଯୋଡ଼ି ଦେବୀଗଡାଠାରେ ୩୨ଟି ମୃଣ୍ମୟୀ ମୂର୍ତ୍ତି ବିସର୍ଜନ ହୋଇଥିବା ଜଣାପଡିଛି । ଭସାଣୀ ଉତ୍ସବ ଦେଖିବା ପାଇଁ ଦେବୀଗଡାଠାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ଏହି ସମୟରେ ସହରର ମୁଖ୍ୟରାସ୍ତାରେ ଯାନବାହନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି ।

ସେହିଭଳି ରାଜଧାନୀ ଭୁବନେଶ୍ୱରର କୁଆଖାଇ ଓ ଦୟାନଦୀ କୂଳରେ ଏବଂ ଟଙ୍କପାଣି ସାଇମନ୍ଦିର ନିକଟରେ  ଭସାଣି ପାଇଁ ଅସ୍ଥାୟୀ ଭାବେ ପୋଖରୀ ନିର୍ମାଣ କରାଯାଇଛି। ଅପରାହ୍ନ ୩ଟାରୁ ରାତି ଗୋଟାଏ ପର୍ଯ୍ୟନ୍ତ ସହର ଭିତରେ ଟ୍ରାଫିକ କଟକଣା ଲାଗୁ ହୋଇଛି।

## ଗୋସାଣି ଉତ୍ସବ

ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ପରମ୍ପରା ଅନୁଯାୟୀ ଆଜି ଆଶ୍ୱିନ ମାସ ଶୁକ୍ଳ ଏକାଦଶୀ ତିଥିରେ ଗୋସାଣି ମେଳଣ ଉତ୍ସବ ଅନୁଷ୍ଠିତ ହେଉଛି । ସହରରେ ପୂଜା ପାଇଥିବା ସମସ୍ତ ମୃଣ୍ମୟୀ ମେଢ଼ଗୁଡ଼ିକ ବିସର୍ଜନ ହେବା ପୂର୍ବରୁ ଦେବୀ ସଭାରେ ସାମିଲ ହୋଇଛନ୍ତି । ଏହି ଦେବୀସଭାରେ ଶ୍ରୀକ୍ଷେତ୍ରର ସବୁଠାରୁ ବଡ଼ ଦୁଇ ଗୋଷାଣି ମୂର୍ତ୍ତି ବାରବାଟୀ ଓ ଜହ୍ନିଖାଇଙ୍କ ସମେତ ବେଲବାଇ, ଗେଲବାଇ, ପଣାପ୍ରିୟା, ହରଚଣ୍ଡୀ, ବନଦୁର୍ଗା, ଶୂନ୍ୟଗୋଷାଣି ଆଦି ବିଭିନ୍ନ ଗୋଷାଣି ମୂର୍ତ୍ତି ସାମିଲ ହୋଇଛନ୍ତି । ସମ୍ପୂର୍ଣ୍ଣ ପାରମ୍ପରିକ ଭାବେ ସୁସଜ୍ଜିତ ଏହି ଗୋଷାଣି ମୂର୍ତ୍ତି ଓ ନାଗାମୂର୍ତ୍ତି ଆଦିକୁ ବିସର୍ଜନ ପୂର୍ବରୁ ଦର୍ଶନ ପାଇଁ ସାଧାରଣ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ବିଧି ଅନୁଯାୟୀ ଆଜି ଏକାଦଶୀ ଅବସରରେ ଶ୍ରୀମନ୍ଦିରରେ ମହାଦୀପ ଉଠାଯିବା ପରେ ଗୋଷାଣିଗୁଡ଼ିକୁ ବିସର୍ଜନ କରାଯିବ । ଗୋଷାଣି ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।

# ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି ।

ରାୟଗଡା ଜିଲ୍ଲା ପଦ୍ମପୁର ବ୍ଲକ ସଦର ମହକୁମା ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ଏହି ଶୁଣାଣି ଶିବିରରେ ୨୧ଟି ବ୍ୟକ୍ତିଗତ ଓ ୮ଟି ଗୋଷ୍ଠୀଗତ ଅଭିଯୋଗ ସମେତ ମୋଟ୍ ୨୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ।

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ୧୧୮ଟି ମାମଲାର ଶୁଣାଣି କରାଯାଇଛି । ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ନୟାଗଡ ଜିଲ୍ଲା ଗଣିଆ ବ୍ଲକରେ ଜନଶୁଣାଣି ଶିବିରରେ ୪୨ଟି ଦରଖାସ୍ତ ବିଚାର ପାଇଁ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ଭାବେ ୩୪ଟି ଅଭିଯୋଗ ଓ ସାମୁହିକ ଗ୍ରାମ ବିବାଦରେ ୮ଟି ଶୁଣାଣି କରାଯାଇଥିଲା ।

ବୌଦ୍ଧ ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଆଜି ୫୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି ।

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ମୋଟ୍ ୫୮ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା ।

ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ମୋଟ୍ ୧୧ଟି ଆବେଦନ ଗ୍ରହଣ କରାଯାଇଥିଲା । ୪ଟି ଅଭିଯୋଗର ତ୍ୱରିତ ସମାଧାନ ହୋଇଥିଲା ।

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତାକାଲି ସୁଦ୍ଧା ରାଜ୍ୟରୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଗତ କିଛିଦିନ ଧରି ରାଜ୍ୟରେ ମୌସୁମୀର ସ୍ଥିତି ଦୁର୍ବଳ ରହିବା ସହିତ ବର୍ଷାର ପରିମାଣ ହ୍ରାସ ପାଇଛି । ଚଳିତବର୍ଷ ସ୍ୱାଭାବିକ ସମୟର ଚାରିଦିନ ପୂର୍ବରୁ ମୌସୁମୀ ଓଡିଶା ଛୁଇଁଥିଲା । କେରଳ ଉପକୂଳ ଛୁଇଁବାର ୮ଦିନ ପରେ ମୌସୁମୀ ଓଡିଶା ସ୍ପର୍ଶ କରିଥିଲା । ଚଳିତବର୍ଷ ମୌସୁମୀ ଋତୁରେ ଜୁନ ପହିଲାରୁ ସେପ୍ଟେମ୍ବର ମାସ ଶେଷ ପର୍ଯ୍ୟନ୍ତ ୧୧ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା । ରାଜ୍ୟରେ ଏହି ସମୟ ମଧ୍ୟରେ ୧ହଜାର ୯୨ମିଲିମିଟର ବର୍ଷା ହୋଇଥିଲେ ମଧ୍ୟ  ସ୍ୱାଭାବିକଠାରୁ ୫ ପ୍ରତିଶତ କମ୍ ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି । ୨୪ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବାବେଳେ ୪ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିଲା ।